## ସଂକ୍ଷେପରେ

### ଘାଇରୁ ମୃତଦେହ ଉଦ୍ଧାର

ଦଶମନ୍ତପୁର,୨୩।୯( ଡ଼ି.ଏନ୍.ଏ.)- କୋରାପୁଟ ଜିଲା ଦଶମନ୍ତପୁର ଥାନା ଅଧୀନ କୁସୁମଘାଟ ନାଳ ନିକଟ ଘାଇରୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ବଦଲିକୁଡୁମା ଗାଁର ଜଗ ଖସ୍ଲା। ସୂଚନା ଅନୁଯାୟୀ, ଜଗ ଦୀର୍ଘ ବର୍ଷ ଧରି ନିକଟସ୍ଥ ମାଣ୍ଡିଆଗୁଡ଼ା ଗ୍ରାମରେ ବାରିକ କାମ କରୁଥିଲେ। ବୁଧବାର କୌଣସି କାମରେ ସେ ନିଜ ଗାଁକୁ ଫେରୁଥିଲେ। ତେବେ ଅପରାହ୍ଣରେ ଗାଁର କେତେଜଣ ବ୍ୟକ୍ତି ଶୌଚ ପାଇଁ ଯାଇଥିବା ସମୟରେ ନାଳରୁ ପ୍ରାୟ ୨୦ ଫୁଟ ତଳ ଘାଇରେ ଜଗଙ୍କ ମୃତଦେହ ପଡ଼ିଥିବା ଦେଖି ଦଶମନ୍ତପୁର ପୋଲିସକୁ ଖବର ଦେଇଥିଲେ। ଖବରପାଇ ଦଶମନ୍ତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ୧୧/୨୦ ନଂ. ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ବିଜୟ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ଦୈନିକ ବଜାରରେ ହେବ ଏଟିଏମ୍, ଲାଗିବ ହାଇମାଷ୍ଟ ଲାଇଟ୍

ଜୟପୁର,୨୩।୯(ନି.ପ୍ର.)- ଜୟପୁରସ୍ଥିତ ବିକ୍ରମ ଦେବ ଦୈନିକ ବଜାରରେ ବୁଧବାର ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ଏକ ଗୃହର ଶୁଭ ଦେଇଛନ୍ତି। ଉକ୍ତ କୋଠରୀଟି ନିର୍ମାଣ ହେବା ପରେ ଏଠାରେ ଲୋକଙ୍କ ସୁବିଧା ପାଇଁ ଏଟିଏମ୍ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ସେହିପରି ବିଧାୟକ ଦୈନିକ ବଜାର ପରିଦର୍ଶନ କରିଥିଲେ। ସେଠାରେ ଥିବା ହନୁମାନଙ୍କ ବିଗ୍ରହ ନିକଟରେ ବିଧାୟକ ପାଣ୍ଠିରୁ ବଡ଼ ହାଇମାଷ୍ଟ ଲାଇଟ୍ ଲଗାଇବା ପାଇଁ କନିଷ୍ଠ ଯନ୍ତ୍ରୀକୁ ନିର୍ଦ୍ଦେଶ ଦେଇଛନ୍ତି। ଦୈନିକ ବଜାରକୁ ଆଧୁନିକୀକରଣ କରାଯିବା ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବଜାର ସୌନ୍ଦର୍ଯ୍ୟକରଣ ସହ ସେଠାରେ ଆଧୁନିକ କୋଠରୀ, ଅତ୍ୟାଧୁନିକ ଯାନବାହାନ ପାର୍କିଂ ସ୍ଥଳ, ଶୌଚାଳୟ ନିର୍ମାଣ କରାଯିବ ବୋଲି ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ବିକ୍ରମ ଦେବ ଦୈନିକ ବଜାରର ସଭାପତି ନରି ବେହେରା, ଉପସଭାପତି, ପି. ବାଲଜି, କେରେଲା ରାମ ବାବୁ, ଜ୍ୟୋତିରଞ୍ଜନ ମହାପାତ୍ର , କୋରାପୁଟ ଜିଲା କଂଗ୍ରେସ ସମାଜିକ ଗଣମାଧମ ସଂଯୋଜକ ଏ. ରମେଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚନ୍ଦାହାଣ୍ଡି, ୨୩।୯(ଡି.ଏନ୍.ଏ.) - ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମେହରା ପଞ୍ଚାୟତ ଆମଗୁଡା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଆମଗୁଡ଼ାର ସହଦେବ ମାଝି (୨୫)। ପ୍ରକାଶ ଯେ, ସହଦେବ ମଙ୍ଗଳବାର ରାତିରେ ଖାଇ ପିଇ ଘରେ ଶୋଇଥିଲା। ସକାଳେ ଉଠି ଶୌଚ ହେବା ପାଇଁ ଘରଠାରୁ କିଛି ଦୂର କେନାଲ ପାଖକୁ ଯାଇଥିଲା। କିନ୍ତୁ ଦୀର୍ଘ ସମୟ ଧରି ସେ ଆଉ ଘରକୁ ଫେରି ନ ଥିଲେ। କିଛି ସମୟ ପରେ ଉକ୍ତ ରାସ୍ତାରେ ଯାଉଥିବା ଗ୍ରାମବାସୀ କେନାଲ ନିକଟ ଏକ ଗଛରେ ସହଦେବଙ୍କ ଝୁଲନ୍ତା ମୃତଦେହ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ଏ ନେଇ ସହଦେବଙ୍କ ବଡଭାଇ ଠେଲ ସିଂ ମାଝି ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଏସ୍ଆଇ ସମୀର କୁମାର ପ୍ରଧାନ କନଷ୍ଟେବଲ ଗଣେଶ ଚନ୍ଦ୍ର ମାଝି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ଏ ନେଇ ଚନ୍ଦାହାଣ୍ଡି ଥାନରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ସମୀର କୁମା ପ୍ରଧାନ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ କହିଛନ୍ତି।

### ୧୨ ଫୁଟ୍ର ଅଜଗର ଉଦ୍ଧାର

କୋରୁକୋଣ୍ଡା, ୨୩।୯(ଡି.ଏନ୍.ଏ.) ମାଲକାନଗିରି ଜିଲା ବାଲିମେଲା ଏନ୍ଏସି ଅଧୀନ ଧନପୁରିୟା ସାହିର ଜଣଙ୍କ ବାଡ଼ିରୁ ଏକ ଅଜଗରକୁ ବାଲିମେଲା ବନବିଭାଗ ଉଦ୍ଧାର କରିଛି। ସାପଟି ଲମ୍ବ ପ୍ରାୟ ୧୨ ଫୁଟ ଓ ଓଜନ ୨୦ କିଲୋରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସଳଚନା ମିଳିଛି। ପ୍ରକାଶ ଯେ ସାପଟି ବାରିରେ ବୁଲୁଥିବା ଦେଖି ଘର ମାଲିକ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ବାଲିମେଲା ରେଞ୍ଜର ସୁଶାନ୍ତ କୁମାର ଦଳାଇଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଶିବାନନ୍ଦ ଲେଙ୍କା ଓ ଅନ୍ୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସେମାନେ ସାପଟିକୁ ପାଖ ଜଙ୍ଗଲରେ ସୁରକ୍ଷିତଭାବେ ଛାଡି ଦେଇଥବା ଜଣାପଡିଛି।

# ଆସିପାରିଲାନି ଆମ୍ବୁଲାନ୍ସ, ନଦୀ କୂଳରେ ପ୍ରସବ

■ ଗାଁ ରାସ୍ତା ଶୋଚନୀୟ

■ ଆମ୍ବୁଲାନ୍ସ ଡ୍ରାଇଭର, ପରିବାର ଲୋକେ ଗର୍ଭବତୀଙ୍କୁ ଖଟିଆରେ କଲେ ନଦୀପାର

ଚନ୍ଦାହାଣ୍ଡି, ୨୩।୯(ଡି.ଏନ୍.ଏ.)

ରାଜ୍ୟ ଏବଂ କେନ୍ଦ୍ର ସରକାର ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଗ୍ରାମ ଓ ସହରକୁ ସଂଯୋଗ କରିବା ପାଇଁ ମଧ୍ୟ ବିଭିନ୍ନ ସଡ଼କ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ତଥାପି ମଧ୍ୟ ଜନନୀ ଯନ୍ତ୍ରଣା କମିବାର ନାଁ ଧରୁନି। ଏବେ ମଧ୍ୟ ବିଭିନ୍ନ ଗ୍ରାମରେ ରାସ୍ତା ଖରାପ ଯୋଗୁ ଗାଁକୁ ଆମ୍ବୁଲାନ୍ସ ଯାଇପାରୁନି। ଫଳରେ ଗର୍ଭବତୀ ଖଟିଆ, ଷ୍ଟ୍ରେଚରରେ ବୁହାହୋଇ ଡାକ୍ତରଖାନା ଯାଉଛନ୍ତି। ବେଳେବେଳେ ଡାକ୍ତରଖାନା ଯିବା ଆଗରୁ ହିଁ ଗର୍ଭବତୀମାନେ ରାସ୍ତାରେ ପ୍ରସବ କରୁଛନ୍ତି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଗୋରଝରିଆ ଗ୍ରାମରେ ବୁଧବାର ଏଭଳି ଏକ ଘଟଣା ଘଟିଛି। ଆମ୍ବୁଲାନ୍ସ ଗାଁ ଭିତରକୁ ଆସି ନ ପାରିବାରୁ ପରିବାର ଲୋକେ ତାଙ୍କୁ ଖଟିଆରେ ନଦୀ ପାର କରାଇଥିଲେ। ନଦୀ କୂଳରେ ହିଁ ଗର୍ଭବତୀ ଜଣକ ପ୍ରସବ କରିଥିଲେ।

ଗୋରଝରିଆ ଗ୍ରାମ ପୋଡ଼ମୁଣ୍ଡିପଡାର ମହେଶ୍ୱର ସାନ୍ତାଙ୍କ ସ୍ତ୍ରୀ ନବୀନା(୩୫)ଙ୍କର ବୁଧବାର ସକାଳେ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆଶାକର୍ମୀ ଜେମାମଣି ଡାକ୍ତରଖାନା ନେବାପାଇଁ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଖବରପାଇ ୧୦୨ ଆମ୍ବୁଲାନ୍ସ ଡ୍ରାଇଭର ଟୁନା ଚୌହାନ ଗାଡି ନେଇ ଆସିଥିଲେ। ବାଟରେ ନଦୀ ପଡିବା ସହ ଆଗକୁ ରାସ୍ତା ଖରାପ ଥିବାରୁ ଡ୍ରାଇଭର ନଦୀ ଏପଟେ ଆମ୍ବୁଲାନ୍ସ ରଖିଦେଇ ପାଦରେ ଚାଲି ଚାଲି ଗାଁରେ ପହଞ୍ଚି ଆଶାକର୍ମୀ ଓ ପରିବାର ଲୋକଙ୍କ ସହ ଗର୍ଭବତୀଙ୍କୁ ଖଟିଆରେ ବୋହି ନଦୀ ପାର କରିଥିଲେ। ନଦୀ ଆରପଟେ ପହଞ୍ଚିବା ପରେ ନବୀନା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପ୍ରସବ ପରେ ପରିବାର ଲୋକେ ଡାକ୍ତରଖାନା ଆସିବାକୁ ରାଜି ନ ହେବାରୁ ଆଶାକର୍ମୀ ଓ ଡ୍ରାଇଭର ସେମାନଙ୍କୁ ବୁଝାଶୁଝା କରି ନବୀନା ଓ ନବଜାତକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ମନୀଷ କୁମାର ପୁରୋହିତ ଉଭୟ ମା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ନବୀନାଙ୍କ ରକ୍ତ କମ୍ ଥିବା ଓ ସେ ଆନେମିଆରେ ପୀଡିତ ଥିବାରୁ ତାଙ୍କୁ ନବରଙ୍ଗପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଭାଜପା ନେତା ବଳଭଦ୍ର ମାଝି ଘଟଣା ସମ୍ପର୍କରେ ଜାଣି ଦୁଃଖ ପ୍ରକାଶ କରିଛନ୍ତି। ଖୁବ୍ ଶୀଘ୍ର ବଇଦପଡାରୁ ଗୋରଝରିଆକୁ ରାସ୍ତା ନିର୍ମାଣ କରାଯିବ। ଏଥିସହ ଉକ୍ତ ନଦୀରେ ପୋଲ ନିର୍ମାଣ ଚାଲୁଛି ବୋଲି ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି। ସେ ଆଶାକର୍ମୀ ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପ୍ରଶଂସା କରିଛନ୍ତି। ନବୀନାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି।



ପରିବାର ଲୋକେ ଓ ଆମ୍ବୁଲାନ୍ସ ଡ୍ରାଇଭର ଗର୍ଭବତୀଙ୍କୁ ନଦୀପାର କରାଉଛନ୍ତି।

# ଦହଣା ହାଇସ୍କୁଲ ପରିସରରେ ଭାଲୁ

ନନ୍ଦାହାଣ୍ଡି,୨୩।୯(ଡି.ଏନ୍. ଏ.)

ନନ୍ଦାହାଣ୍ଡି ବ୍ଲକ ଦହଣା ହାଇସ୍କୁଲ ପରିସରରେ ବୁଧବାର ଗୋଟିଏ ଭାଲୁ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ନବରଙ୍ଗପୁର ବନବିଭାଗ କୁ ଖବର ଦେଇଥିଲେ। ଖବର ପାଇ ବନବିଭାଗର ଏକ ଟିମ ଆସି ଭାଲୁଟିକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବାବେଳ ଭାଲୁଟି କିନ୍ତୁ ଖସି ପଳାଇଥିଲା। ସେ ନିକଟସ୍ଥ କାଜୁ ଜଙ୍ଗଲକୁ ପଳାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ଭାଲୁଟି ପ୍ରତିଦିନ ଖାଦ୍ୟ ଅନ୍ୱେଷଣରେ ଉକ୍ତ ସ୍କୁଲକୁ ଆସି ଫେରିଯାଉଥିଲା। ମଙ୍ଗଳବାର ମଧ୍ୟ ଭାଲୁଟି ଜଙ୍ଗଲରୁ ଆସି ଉକ୍ତ ସ୍କୁଲ ଭିତରେ ପ୍ରବେଶ କରିଥିଲା। କିନ୍ତୁ ସେଠାରୁ ଆଉ ଫେରି ନ ଥିଲା। ଗ୍ରାମବାସୀ ଭାଲୁକୁ ଦେଖି ଘଉଡ଼ାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ସେମାନେ ନବରଙ୍ଗପୁର ବନ ବିଭାଗକୁ ଖବର ଦେଇଥିଲେ। କାଜୁ ବଣରେ ଥିବା ଭାଲୁଟିକୁ ଯନ୍ତା ପକାଇ ଖୁବ୍‌ଶୀଘ୍ର ଧରାଯିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଦହଣା ଗ୍ରାମର ତନ୍ମୟ ମିଶ୍ରଙ୍କ ଘର ପରିସରରେ ୨ଟି ଭାଲୁ ଖାଦ୍ୟ ଅନ୍ୱେଷଣରେ ଆସି ଗଣ୍ଡଗୋଳ ହେଉଥିବା ଦେଖିବାକୁ ମିଳିଥିଲା। ଏହାପରେ ବନବିଭାଗ ଯନ୍ତା ବସାଇ ଗୋଟିଏ ଭାଲୁକୁ କାବୁ କରିଥିଲା।

# ଅଭିଯୁକ୍ତ ଗିରଫ

## ନାଏବ ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ କରିବା ଘଟଣା

କୋରୁକୋଣ୍ଡା ୨୩।୯(ଡି.ଏନ୍.ଏ.)

କୋରୁକୋଣ୍ଡା ନାଏବ ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ଅଭିଯୋଗରେ ମାଲକାନଗିରି ପୋଲିସ ଅଭିଯୁକ୍ତ ଲୋକନାଥ ସାହୁଙ୍କୁ ଗିରଫ କରିଛି। ପ୍ରକାଶ ଯେ, ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ନାଏବ ସରପଞ୍ଚ ବାସନ୍ତୀ ପୂଜାରୀଙ୍କୁ ଗତ ୧୧ ତାରିଖରେ ଅଭିଯୁକ୍ତ ଜାଣିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏ ନେଇ ନାଏବ ସରପଞ୍ଚ ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ଉକ୍ତ ଅଭିଯଗକୁ ଭିତ୍ତି କରି ପୋଲିସ ୩୨୮/୨୦ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଲୋକନାଥଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ମାଲକାଗିରି ଥାନାଧିକାରୀ ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

# ଗ୍ରେଡେଶନ ତାଲିକା ନେଇ ଶିକ୍ଷକ ମହଲରେ ଅସନ୍ତୋଷ

ବୋରିଗୁମ୍ମା, ୨୩।୯(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗ୍ରେଡଶନ ତାଲିକା ପ୍ରକାଶ ପାଇଥିବାବେଳେ, ଏହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଇଛି। ସରକାରୀ ନିର୍ଦ୍ଦେଶନାମାକୁ ମୋଡି ମକଚି କିଭଳି ଭାବେ ବିଏ ସିଟି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଭାଗ ୨ ବଦଳରେ ଭାଗ ୧ରେ ରଖି ତାଲିକା ପ୍ରସ୍ତୁତ କରାଗଲା, ତାହାକୁ ନେଇ ଶିକ୍ଷକମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏହା ବିରୋଧରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୋରିଗୁମ୍ମା ଏବିଇଓ ଶତ୍ରୁଘ୍ନ ଖଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ତ୍ରୁଟି ସଂଶୋଧନ କରା ନ ଗଲେ ତୀବ୍ର ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଶିକ୍ଷକ ମାନଙ୍କ ବାରମ୍ବାର ଆନ୍ଦୋଳନ ଏବଂ ଦାବିକୁ ବିଚାରକୁ ନେଇ କରି ରାଜ୍ୟ ସରକାରଙ୍କ ପକ୍ଷରୁ କେ ରୂଲ-୨୦୧୯ ପ୍ରକାଶ କରା ଯାଇଥିଲା। ଏହାସହ ଶିକ୍ଷକ ଗ୍ରେଡେସନ ତାଲିକା ପ୍ରକାଶ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।ଏହି କେ ରୂଲରେ ଶିକ୍ଷକ ମାନଙ୍କ ବିଭିନ୍ନ ବର୍ଗ କରାଯାଇ, ନିର୍ଦ୍ଦିଷ୍ଟ ବର୍ଷରେ ଠିକ ଭାବେ ନିଜ ଦାଇତ୍ୱ ସମ୍ପାଦନ କରୁଥିବା ଶିକ୍ଷକ ମାନଙ୍କୁ ପ୍ରମୋସନ ଦେବାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କୋରାପୁଟରେ କିନ୍ତୁ ଏହି ନିୟମ ଖିଲାପ କରାଯାଇଛି ବୋଲି ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି। ଏହି ଦାବିପତ୍ର ପ୍ରଦାନବେଳେ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା, ଏନ୍. କାମେଶ୍ୱର୍ ରାଓ, କୃଷ୍ଣ ଅମନାତ୍ୟ, ବେଣୁଧର ପଣ୍ଡା, ତପନ ତନ୍ତୀ, ଶିକ୍ଷୟିତ୍ରୀ ଗୌରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମାଲାକାନଗିରିରୁ ୪୪ ପଜିଟିଭ

ମାଲକାନଗିରି, ୨୩।୯(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବୁଧବାର ୪୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସୋମବାର ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ମାଲକାନଗିରି ପୌରପରିଷଦରୁ ୧୩, ବାଲିମେଲା ଏନ୍ଏସିରୁ ୭, ମାଥିଲ ବ୍ଲକରୁ ୩, ମାଲକାନଗିରି ବ୍ଲକରୁ ୪, ଖଇରପୁଟରୁ ୪, କୋରୁକୋଣ୍ଡାରୁ ୧, କାଲିମେଳାରୁ ୮, ଚିତ୍ରକୋଣ୍ଡାରୁ ୧ ଓ ପଡିଆ ବ୍ଲକରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ବୁଧବାର ସୁଦ୍ଧା ଜିଲାରେ ମୋଟ ୩୨୯୯ ଜଣ ଚିହ୍ନଟ ହୋଇଥିବା ବେଳେ ୨୭୯୮ ଜଣ ସୁସ୍ଥ ହୋଇଛନ୍ତି। ୪୯୦ ଜଣଙ୍କ ଚିକିତ୍ସା ଚାଲିଛି ଏବଂ ୧୧ ଜଣ କରୋନାରେ ପ୍ରାଣ ହରାଇଥିବା ଜିଲାପାଳ ମନିଷ ଅଗ୍ରୱାଲ କହିଛନ୍ତି।

# ଚାଲାଣବେଳେ କାଠ ଜବତ

ଚନ୍ଦାହାଣ୍ଡି,୨୩।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ପଞ୍ଚାୟତ ପଲସାପଡ଼ା ଗ୍ରାମରୁ ସୀମାନ୍ତ ଛତିଶଗଡ଼କୁ କାଠ ପଟା, କବାଟ ଚାଲାଣବେଳେ ବନବିଭାଗ ତାହାକୁ ଜବତ କରିଛି। ମାଫିଆମାନେ ସାଇକେଲ ଯୋଗେ କାଠ ଚାଲାଣ କରୁଥିବା ସୂଚନା ପାଇ ଚନ୍ଦାହାଣ୍ଡି ବନପାଳ ପ୍ରଦୀପ୍ତ କୁମାର ଦାଶ, ଫରେଷ୍ଟ ଗାର୍ଡ ମହମ୍ମଦ ଫାରୁକ ମୋତିଗାଁ ହାଟପଦାରେ ସେମାନଙ୍କୁ ଅଟକାଇଥିଲେ। ସେମାନଙ୍କ ନିକଟରୁ କାଠ ସହ ୪ଟି ସାଇକେଲ ଜବତ କରାଯାଇଛି। କାଠ ମାଫିଆମାନଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ଫଲସାପଡ଼ା ଗ୍ରାମର ମାଫିଆମାନେ ଜଙ୍ଗଲରୁ ଗଛ କାଟି ପଟା କରି ଛତିଶଗଡ଼କୁ ଚାଲାଣ କରୁଥିବା ବେଳେ ମାଲଗାଁ ବନମଣ୍ଡଳରେ ଥିବା ଜଙ୍ଗଲ ନଷ୍ଟ ହେଉଛି। ତେଣୁ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

## ବିଡିଓଙ୍କୁ ଦାବିପତ୍ର

କୋରୁକୋଣ୍ଡା, ୨୩।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକରେ ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଗାଁ ସାଥି ମିଳିତ କ୍ରିୟାନୁଷ୍ଠାନ କମିଟି ଓଡିଶା ପ୍ରଦେଶ ପକ୍ଷରୁ ଦାବି କରାଯାଇଛି। ଏ ନେଇ କୋରୁକୋଣ୍ଡା ବିଡିଓ ଦାଶରଥୀ ସରାବୁଙ୍କୁ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନ ସମସ୍ତ କାର୍ଯ୍ୟ ଗାଁ ସାଥୀଙ୍କ ଦ୍ୱାରା କରାଇବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଚଳିତ ଆର୍ଥିକ ବର୍ଷ ୨୦୨୦/୨୧ରେ ସମସ୍ତ ଗାଁ ସାଥୀଙ୍କୁ ୧୦୦ ଦିନର କାମ ଯୋଗାଇବାକୁ ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ସଭାପତି ଘେନୁ ମୁଦୁଲି, ସମ୍ପାଦକ ଭୀମସେନ ଖେମୁଣ୍ଡୁ, ଉପସଭାପତି ଭୁପେଶ କର୍ମକାର, ଗୋପୀନାଥ ତଳିଆ, ଘାଷିରାମ ନାଏକ, ନୀଳକଣ୍ଠ ଖରା, ଅଭିମନ୍ୟୁ ଯାଲା, ସମରା ଖିଲଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# କୋରାପୁଟର ୮ ବ୍ଲକରେ ଚାଲିବ ବାଇକ ଆମ୍ବୁଲାନ୍ସ

କୋରାପୁଟ,୨୩।୯(ସ୍ୱ.ପ୍ର.)

କୋରାପୁଟ ଜିଲାର ଦୁର୍ଗମ ତଥା ଅପହଞ୍ଚ ଇଲାକରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ୮ଟି ବ୍ଲକରେ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯିବ। ବୁଧବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କୋରାପୁଟ ଜିଲାପାଳ ମଧୁସୁଧନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପୋଡାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢି, ଜିଲା ପରିଷଦ ଅଧକ୍ଷା ତୁଳସୀ କିରସାନୀ, ସିଡିଏମ୍ଓ ମକରନ୍ଦ ବେଉରା, ଜିଲା ଜରୁରୀ ଅଧିକାରୀ ଜ୍ଞାନଦୀପ ତ୍ରିପାଠୀ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଉପସ୍ଥିତ ଥିଲେ।

ଜିଲାର ବୈପାରିଗୁଡା, ଦଶମନ୍ତପୁର, ବନ୍ଧୁଗାଁ, ଲମତାପୁଟ, ସେମିଳିଗୁଡା, ପଟ୍ଟାଙ୍ଗୀ, ବୋରିଗୁମ୍ମା, ନନ୍ଦପୁର ବ୍ଲକରେ ଏହି ବାଇକ ଆମ୍ବୁଲାନସ ସେବା ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହ ଡ୍ରାଇଭର ନିଯୁକ୍ତି, କେବେଠାରୁ ଏହା କାର୍ଯ୍ୟ କରିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବ୍ଲକର ସଦର ମହକୁମାରେ ଏହି ବାଇକ ଆମ୍ବୁଲାନ୍ସ ଗୁଡିକ ରଖାଯିବ। ଜରୁରୀ ସୂଚନା ମିଳିଲେ ସେହି ସ୍ଥାନକୁ ଆମ୍ବୁଲାନ୍ସ ଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଏହି ବାଇକ ଆମ୍ବୁଲାନ୍ସ ସେବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ପରିଚାଳନା ହେବ ବୋଲି ଆଲୋଚନା ହେଉଥିଲା। କିନ୍ତୁ ଏବେ ପ୍ରଶାସନ ନିଜେ ଏହାର ପରିଚାଳନା ଦାୟିତ୍ୱ ନେବ ବୋଲି ନିଷ୍ପତି ହୋଇଛି। ସୁଚନା ଅନୁଯାୟୀ, କେନ୍ଦ୍ରୀୟ ଅନୁଦାନରେ କ୍ରୟ କରାଯାଇଥିବା ଏହି ବାଇକ ଆମ୍ବୁଲାନସ ଗତ ୧୫ ରେ କୋରାପୁଟରେ ପହଞ୍ଚିଥିଲା।



ବୈଠକରେ ଜିଲାପାଳ, ଅଧିକାରୀ ଓ ଲୋକପ୍ରତିନିଧିମାନେ।

# ରାୟଗଡ଼ାରୁ ୫୧ ସଂକ୍ରମିତ ଚିହ୍ନଟ

ରାୟଗଡ଼ା ଅଫିସ,୨୩।୯

ରାୟଗଡ଼ା ଜିଲାରୁ ବୁଧବାର ୫୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୨୮ ଜଣ ପୁରୁଷ ଏବଂ ୨୩ ଜଣ ମହିଳା ରହିଛନ୍ତି। ପଦ୍ମପୁର ୧୪, ରାୟଗଡ଼ା ଅରବାନରୁ ୧୨, ଗୁଣୁପୁର ରୁରାଲ ୧୧, ରାୟଗଡ଼ା ରୁରାଲ ୬ , ଚନ୍ଦ୍ରପୁରରୁ ୨, କଲ୍ୟାଣସିଂହପୁରରୁ ୨, ଗୁଡ଼ାରୀରୁ, ଗୁଣୁପୁର ଅରବାନ , ମୁନିଗୁଡ଼ା ଓ ରାମନାଗୁଡ଼ାରୁ ୧ଜଣ ଲେଖାଏ ପଜିଟିଭ ରହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୫ ଜଣ କୋଭିଡ଼ ଯୋଦ୍ଧା ରହିଛନ୍ତି। ବୁଧବାର ଚିହ୍ନଟ ଆକ୍ରାନ୍ତଙ୍କୁ ମିଶାଇ ପଜିଟଭଙ୍କ ସଂଖ୍ୟା ୬୯୯୮ରେ ପହଞ୍ଚିଛି। ୬୨୩୪ ଜଣ ଜିଲାରେ ସୁସ୍ଥ ହୋଇଥିବାବେଳେ ୩୫ ଜଣଙ୍କ ମୃତ୍ୟୁ ହୋଇଛି। ୭୨୯ ଜଣ ଜିଲାର ବିଭିନ୍ନ କୋଭିଡ଼ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି।

# ଟଙ୍କା ଦେଲେ ମିଳୁଛି ବୟସ ପ୍ରମାଣପତ୍ର

ବୈପାରୀଗୁଡା, ୨୩।୯(ଡି.ଏନ୍.ଏ)

ସାମାଜିକ ସୁରକ୍ଷା ଯୋଜନାରେ ୬୦ ବର୍ଷରୁ ଉର୍ଦ୍ଧ ଗରିବ ବୃଦ୍ଧାବୃଦ୍ଧଙ୍କୁ ମାସିକ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବା ପାଇଁ ସରକାରୀ ବ୍ୟବସ୍ଥା ରହିଛି। ଆଦିବାସୀ ବହୁଳ ଅଞ୍ଚଳରେ ଲୋକଙ୍କ ପାଖରେ ଜନ୍ମ ତାରିଖକୁ ନେଇ ସଠିକ ପ୍ରମାଣ ପତ୍ର ନ ଥିବାରୁ ଆଧାର କାର୍ଡ କିମ୍ବା ଭୋଟ୍‌ର ପରିଚୟ ପତ୍ରରେ ଉଲ୍ଲେଖ ବୟସକୁ ବିଚାରକୁ ନିଆଯାଉଛି। ଅନେକଙ୍କର ଆଧାର କିମ୍ବା ଭୋଟର ପରିଚୟ ପତ୍ରରେ ବୟସକୁ ନେଇ ଭୂଲ୍ ତଥ୍ୟ ଥିବାରୁ ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କଠାରୁ ବୟସ ପ୍ରମାଣପତ୍ର ଆବଶ୍ୟକ ପଡୁଛି। ତେବେ ବୈପାରୀଗୁଡା ବ୍ଲକରେ ସ୍ୱାସ୍ଥ୍ୟ ବିଭାଗରେ ଲୋକଙ୍କୁ ବୟସ ପ୍ରମାଣପତ୍ର ଯୋଗାଇ ଦେବାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ନିୟମ ଅନୁସାରେ ବୟସ ପ୍ରମାଣପତ୍ର ପ୍ରଦାନ କରିବା ବେଳେ ସମ୍ପୃକ୍ତ ଡାକ୍ତର ଉକ୍ତ ବ୍ୟକ୍ତିଙ୍କୁ ଦେଖିବା ପରେ ହିଁ ପ୍ରମାଣପତ୍ର ପ୍ରଦାନ କରିବା କଥା। କିନ୍ତୁ ଏଠାରେ ସ୍ୱାସ୍ଥ୍ୟ ବିଭାଗର କିଛି ତଳିଆ କର୍ମଚାରୀ ଲୋକଙ୍କଠାରୁ ୫୦ ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରି ବୟସ ପ୍ରମାଣପତ୍ର ବିକୁଥିବା ଅଭିଯୋଗ ହେଉଛି। ଡାକ୍ତରମାନଙ୍କ ପାଖକୁ ଲୋକେ ଗଲେ ସେମାନେ ତଳିଆ କର୍ମଚାରୀମାନଙ୍କ ନିକଟକୁ ଫେରାଇ ଦେଉଛନ୍ତି। ଏମିତି ମଧ୍ୟ ଅଭିଯୋଗ ଆସୁଛି କେତେକ ତଳିଆ କର୍ମଚାରୀ ଡାକ୍ତରଙ୍କ ସିଲ୍ ତିଆରି କରି ନିଜେ ଜାଲ ଦସ୍ତଖତ ମାରି ବୟସ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ଅର୍ଥ ଲୋଭରେ ଯୁବକମାନଙ୍କୁ ବାର୍ଦ୍ଧକ୍ୟ ପ୍ରମାଣପତ୍ର ଦିଆଯାଉଛି। କେତେକ କର୍ମଚାରୀ ମଧ୍ୟ ଭତ୍ତା କରାଇ ଦେବାକୁ କହି ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ରାମଗିରୀ,ବାଲିଗାଁ ପ୍ରଭୃତି ଡାକ୍ତରଖାନାରେ ଅନୁରୂପ ପରିସ୍ଥିତି ଦେଖାଯାଉଛି।। ଏ ନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବୟସ ପ୍ରମାଣପତ୍ର ପାଇଁ କାହା ପାଖରୁ ଅର୍ଥ ନେବାକୁ କର୍ମଚାରୀମାନଙ୍କୁ ମନା କରାଯାଇଛି। ଯଦି ଏଭଳି ଅଭିଯୋଗ ଆସିବ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

# ପ୍ରବାସୀଙ୍କୁ କର୍ମ ନିଯୁକ୍ତି ଦାବି କଲା ବିଏମ୍ଏସ୍

ରାୟଗଡା ଅଫିସ, ୨୩।୯

ରାୟଗଡ଼ା ଜିଲା କଲୋନରାରେ ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍)ର କୋଲନରା ବ୍ଲକ ସଭାପତି ପ୍ରଦୀପ କୁମାର ମିଶ୍ର, ସମ୍ପାଦକ ସହଦେବ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବୁଧବାର ବିଡିଓଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ନିଜର ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବୁଧବାର ସକାଳେ କଲୋନରାସ୍ଥିତ ମା' ମଝିଘରିଆଣିଙ୍କ ମନ୍ଦିରରେ ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇଥିଲେ। ଭାରତୀୟ ମଜଦୁର ସଂଘର ଜିଲା ସଭାପତି ଯୋଗେଶ୍ୱର ଦାସ, ସମ୍ପାଦକ ଖଗେଶ୍ୱର ସିଂ ଓ ଉପସଭାପତି ମହନ ରାଓ ମାଝି ଉପସ୍ଥିତ ଉପସ୍ଥିତ ଥିଲେ। ରାଜ୍ୟ ସରକାର ତୁରନ୍ତ ଶ୍ରମିକଙ୍କୁ କର୍ମନିଯୁକ୍ତି ଦେବା ସହ ସେମାନଙ୍କ ଥଇଥାନ କରନ୍ତୁ ବୋଲି ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ। ଏହାପରେ ସହର ମୁଖ୍ୟ ରାସ୍ତାଦେଇ ଏକ ଶୋଭାଯାତ୍ରାରେ ବିଡିଓଙ୍କ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବି ସମ୍ବଳିତ ଏକ ୫ ଦଫା ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ନୃସିଂହ ଚରଣ ପଟ୍ଟନାୟକଙ୍କୁ ଦିଆଯାଇଥିଲା। ପ୍ରବାସୀ ଶ୍ରମିକ ତଥା ବେକାର ଯୁବତୀଯୁବକଙ୍କ ଦକ୍ଷତା ସର୍ବେକ୍ଷଣ କରାଯାଇ ଅନୁରୁପ ନିଯୁକ୍ତି ଓ କର୍ମସଂସ୍ଥାନ ଯୋଗାଣ, ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ଦୈନିକ ୫୦୦ଟଙ୍କା କରୋନା ସହାୟତା ଭତ୍ତା ପ୍ରଦାନ, ଅର୍ଥାଭାବ ଦର୍ଶାଇ କୌଣସି ଠିକା କର୍ମଚାରୀଙ୍କୁ ଛଟେଇ କରାନଯାଉ, ବନ୍ଦ ଥିବା ସରକାରୀ ନିଯୁକ୍ତି ତୁରନ୍ତ ଚାଲୁ, ନିର୍ମାଣ ଶ୍ରମିକ, ରିକ୍ସା ଚାଳକ, ଅଟୋ ଚାଳକ, ସବ୍ୟବସାୟୀ ଏବଂ ଅଣସଗଠିତ ଶ୍ରମିକଙ୍କୁ ତାଲା ବନ୍ଦ ସମୟରେ ମାସିକ ଦୁଇ ହଜାର ଟଙ୍କା କରୋନା ସହାୟତା ରାଶି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନବେଳେ ଗୋପୀନାଥ ଗୌଡ଼,ଜେ. କେ. ପେପେର ମଜଦୂର ସଂଘ ସଭାପତି ଏସ୍.ଦୁର୍ଗା ଏବଂ ଜନାର୍ଦ୍ଦନ ଲେଙ୍କା, ବିଶକର୍ମା ମଜଦୂର ସଂଘ ଜିଲା ସମ୍ପାଦକ ଦୁର୍ଗାମାଧବ ଘୋଷ, କୃଷି ଗ୍ରାମୀଣ ମଜଦୂର ସଂଘର ଜିଲା ସଭାପତି ରମେଶ କୀଲାନା, ରାଜକୁମାର ଲିମା, ରବି ଗୌଡ଼ ପରିଚାଳନା ଉପସ୍ଥିତ ଥିଲେ।




ବିଏମ୍ଏସ୍ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

